# ଭକ୍ତଙ୍କ ସହ ସମ୍ବନ୍ଧ(ବ୍ୟବହାର)

ଉପଦେଶାମୃତ ଗ୍ରନ୍ଥରେ ଶ୍ରୀଲ ରୂପଗୋସ୍ୱାମୀ କହିଛନ୍ତି "ଯେଉଁ ଭକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ପବିତ୍ର ନାମକୁ ଜପ କରନ୍ତି, ତାଙ୍କୁ ମାନସିକ ରୂପରେ ଆଦର କରିବା ତଥା ଯେଉଁ ଭକ୍ତ ଦୀକ୍ଷିତ ଅଟନ୍ତି, ତାଙ୍କୁ ନମ୍ରତା ପୂର୍ବକ ପ୍ରଣାମ କରିବା ଏବଂ ଯେଉଁ ଶୁଦ୍ଧଭକ୍ତ ଭଗବାନଙ୍କର ଅହୈତୁକୀ ସେବାରେ ବିଚଳିତ ନ ହୋଇ ନିରନ୍ତର ଯୁକ୍ତ ରହିଛନ୍ତି ଏବଂ ଯାହାଙ୍କ ହୃଦୟ ନିନ୍ଦୁକ ପ୍ରବୃତ୍ତିରୁ ରହିତ ଅଟେ, ଏପରି ଶୁଦ୍ଧଭକ୍ତଙ୍କର ସଙ୍ଗ କରିବା ଆବଶ୍ୟକ ଏବଂ ଦୃଢ଼ ଶ୍ରଦ୍ଧା ସହକାରେ ତାଙ୍କର ସେବା କରିବା ଉଚିତ୍" ।

ଗୁରୁ ପ୍ରାମାଣିକ ହେବା ଆବଶ୍ୟକ । ଆଜ୍ଞାକାରୀ ଭାବରେ ନମ୍ର ହୋଇ ଗୁରୁଙ୍କର ସେବା କରିବା ଓ ଆଦେଶକୁ ନିଜର ପ୍ରାଣ ବୋଲି ଭାବିବା ଆବଶ୍ୟକ । ଗୁରୁଙ୍କର ଆଦେଶକୁ ପାଳନ କରିବା ଉଚିତ୍ । ତାଙ୍କୁ ଓଲଟା ପ୍ରଶ୍ନ ପଚାରିବା ଉଚିତ୍ ନୁହେଁ । ଗୁରୁଙ୍କୁ କେବେ ଉପଦେଶ ଦେବା ଉଚିତ୍ ନୁହେଁ । ବିନମ୍ରତା ପୂର୍ବକ ତାଙ୍କର ଆଦେଶକୁ ପାଳନ କରିବା ପାଇଁ ସର୍ବଦା ତାଙ୍କ ସମକ୍ଷରେ ପ୍ରସ୍ତୁତ ରହିବା ଉଚିତ୍ ।

- ଗୁରୁ ବା ବରିଷ୍ଠ ଭକ୍ତଙ୍କର ଉପସ୍ଥିତିରେ ଅନୁମତି ନ ନେଇ ଅନ୍ୟ କାହାରିକୁ ଉପଦେଶ ଦେବା ଅନୁଚିତ୍ ।
- ଯେଉଁ ପ୍ରକାର ଭଗବାନ ଶ୍ରୀକୃଷ୍ଣ ତାଙ୍କ ନାମ ଏବଂ ରୂପ ଠାରୁ ଭିନ୍ନ ନୁହଁନ୍ତି, ଠିକ୍ ସେହିପରି ଗୁରୁଦେବ ମଧ୍ୟ ନିଜର ନାମ ଏବଂ ରୂପ ଠାରୁ ଭିନ୍ନ ନୁହଁନ୍ତି । ସେଥିପାଇଁ କେହି ଭଗବାନ କିମ୍ବା ଗୁରୁଙ୍କର ଚିତ୍ରକୁ ଏଣେ ତେଣେ ଫୋପାଡ଼ିବା ଉଚିତ୍ ନୁହେଁ ।
- ସମସ୍ତ ପୁରୁଷ ଭକ୍ତଙ୍କୁ ପ୍ରଭୁ ବୋଲି ସମ୍ବୋଧନ କରିବା ଉଚିତ୍ । ନିଜେ କୌଣସି ପ୍ରକାର ପ୍ରଭୁ ହେବାର ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ଆମେ ନିଜକୁ ସେବକ ବା ଦାସ ବୋଲି ସ୍ୱୀକାର ଓ ଅନ୍ୟକୁ ପ୍ରଭୁ ବୋଲି ସମ୍ବୋଧନ କରିବା ଉଚିତ୍ ।
- ଯେଉଁ ଭକ୍ତ ତୁମଠାରୁ ପୂର୍ବରୁ ହରିନାମ ଦୀକ୍ଷା ନେଇଛନ୍ତି, ତାଙ୍କୁ ମଧ୍ୟ ଯୋଗ୍ୟ ସମ୍ମାନ ପ୍ରଦାନ କରିବା ଉଚିତ୍ । କୌଣସି ଭକ୍ତଙ୍କୁ ନିଜର ସ୍ତୁତି, ନିଜର ପ୍ରଶଂସା ଏବଂ ନିଜର ଉଚ୍ଚ ଯୋଗ୍ୟତା ବିଷୟରେ କହିବା ଉଚିତ୍ ନୁହେଁ । ସମସ୍ତଙ୍କୁ ଏହା ଜଣାଇବା ଉଚିତ୍ ଯେ ମୋର ନିଜର ଯୋଗ୍ୟତା କିଛି ନାହିଁ । ମୁଁ ଯେଉଁ ଯୋଗ୍ୟତା ହାସଲ କରିଛି ତାହା କେବଳ ଗୁରୁ ଏବଂ ବୈଷ୍ଣବ କୃପାରୁ ସମ୍ଭବ ହୋଇଛି ।
- ଶ୍ରୀଲ ପ୍ରଭୁପାଦଙ୍କୁ " କୃଷ୍ଣ କୃପା ଶ୍ରୀମୂର୍ତ୍ତି" ଏବଂ ସନ୍ନ୍ୟାସୀଙ୍କୁ ପରମ ପୂଜନୀୟ ଶ୍ରୀ ଶ୍ରୀମଦ୍ -ସ୍ୱାମୀ ବା ଗୋସ୍ୱାମୀ ମହାରାଜ୍ ବୋଲି ସମ୍ବୋଧିତ କରିବା ଉଚିତ୍ ।
- ବ୍ରହ୍ମଚାରୀଙ୍କ ନାମ ପଛରେ 'ବ୍ରହ୍ମଚାରୀ' ରହିବା ଉଚିତ୍, ଯେପରି "କୃଷ୍ଣ ଦାସ ବ୍ରହ୍ମଚାରୀ" ପ୍ରଭୁ । ଗୃହସ୍ଥଙ୍କୁ "ଦାସଅଧିକାରୀ" ପ୍ରଭୁ, ମହିଳା ମାନଙ୍କୁ "ମାତାଜୀ" ନାମରେ ସମ୍ବୋଧନ କରିବା ଉଚିତ୍ ।
- ସନ୍ନ୍ୟାସୀଙ୍କ ବ୍ୟତିତ ଅନ୍ୟ ସମସ୍ତ ପ୍ରଭୁଙ୍କ ନାମ ଆରମ୍ଭରେ " ଶ୍ରୀମାନ୍" ଶବ୍ଦ ପ୍ରୟୋଗ କରି ସମ୍ବୋଧନ କରିବା ଉଚିତ୍ ।
- ଦୁଇ ବରିଷ୍ଠ ବୈଷ୍ଣବଙ୍କର ବାଦ ବିବାଦ ସମୟରେ କାରଣ ଯାହା ହେଉଥାଉନା କାହିଁକି, ଆମ୍ଭେ କାହାର ପକ୍ଷ ସ୍ୱୀକାର କରିବା ଉଚିତ୍ ନୁହେଁ ।

- ଆରତୀ ହେଉଥିବା ସମୟରେ ଭକ୍ତଙ୍କୁ ଆରତୀ ଦେଉଥିବା ସମୟରେ ଜ୍ୟେଷ୍ଠତାର ବିଚାର କରିବା ଉଚିତ୍ ।

- ଭକ୍ତ ଅନ୍ୟ ଭକ୍ତଙ୍କର ପ୍ରଚଳିତ ନାମ (କର୍ମୀ ନାମ) ରେ ଉଚ୍ଚାରଣ କରିବା ଉଚିତ୍ ନୁହେଁ ।

- ଯଦି କୌଣସି ଭକ୍ତ କୌଣସି କାରଣ ବଶତଃ ଭକ୍ତି ସେବା ମାର୍ଗରୁ ପଥଭ୍ରଷ୍ଟ ହୋଇଯାଉଛି କିମ୍ବା ବହୁଦିନ ଧରି ଭକ୍ତ ସଙ୍ଗରୁ ଦୂରେଇ ଯାଉଛି, ତେବେ ତାଙ୍କୁ "ଇଏ ମାୟାରେ ଅଛି ଏପରି କହି ତିରସ୍କାର କରିବା ଉଚିତ୍ ନୁହେଁ" ଅଥବା ତାଙ୍କୁ ଏ ପ୍ରକାର ମନ୍ତବ୍ୟ ଦେବା ଉଚିତ୍ ନୁହେଁ, ଯଦ୍ଦ୍ୱାରା ସେ ଆଧ୍ୟାତ୍ମିକ ଗୁରୁଙ୍କର ଚରଣ କମଳରୁ ଆହୁରି ଦୂରେଇ ଚାଲିଯିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ ତାଙ୍କୁ ପ୍ରେମ ଉତ୍ସାହ ଏବଂ ବନ୍ଧୁତା ମିଳିବା ଆବଶ୍ୟକ । ଯଦ୍ଦ୍ୱାରା ସେ ପୁନରାୟ ତାଙ୍କର ନିଜ ଗୁରୁଭାଇବନ୍ଧୁ, ନିଜ ଗୃହ ଅର୍ଥାତ୍ ଆଶ୍ରମ ଏବଂ ଭକ୍ତ ସଙ୍ଗକୁ ପ୍ରତ୍ୟାବର୍ତ୍ତନ କରିପାରିବେ ।

- ଶ୍ରୀଲ ରୂପଗୋସ୍ୱାମୀ ନିଜ ପୁସ୍ତକ ଉପଦେଶାମୃତରେ ବୈଷ୍ଣବ ବିଷୟରେ ବାରମ୍ବାର କହିଛନ୍ତି ଯେ " ବୈଷ୍ଣବ କୌଣସି ନିମ୍ନ ଜାତି, କୂଳ ବା ବଂଶର ଜନ୍ମ ନେଇଥିବା କାରଣରୁ କିମ୍ବା ତାଙ୍କ ଶରୀରର ରୂପ, ବର୍ଣ୍ଣ କୁତ୍ସିତ, ବିକୃତ, ରୋଗଗ୍ରସ୍ତ ଓ ଅଶିକ୍ଷିତ ବୋଲି ଭାବି ତାଙ୍କୁ ଏକ ସାମାନ୍ୟ ମନୁଷ୍ୟ ବୋଲି ହେୟ କରିବା ଏକ ନାରକୀୟ ବୁଦ୍ଧିର ଲକ୍ଷଣ ବୋଲି ଶାସ୍ତ୍ରରେ ପ୍ରତିପାଦିତ କରାଯାଇଛି" ।

- ବିଷ୍ଣୁ ମନ୍ଦିର ଭଳି ବୈଷ୍ଣବର ଶରୀରକୁ ଦେଖିବା ଉଚିତ୍ । ଏଥିପାଇଁ ବୈଷ୍ଣବଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଥିବା ସମୟରେ ଆମେ ତାଙ୍କ ହୃଦୟସ୍ଥ ଶ୍ରୀବିଷ୍ଣୁ(ପରମାତ୍ମା)ଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଛେ ବୋଲି ଚିନ୍ତା କରିବା ଉଚିତ୍ ।

- ଅପସମ୍ପ୍ରଦାୟଭୁକ୍ତ, ସହଜିଆ, ଅସତ୍‌ଚରିତ୍ର, ନିନ୍ଦୁକ, ବିଦ୍ୱେଷୀ ଓ ମାୟାବାଦୀଙ୍କୁ ଦେଖି ହାତଯୋଡ଼ି ହରେକୃଷ୍ଣ କହିବା, କିନ୍ତୁ ତାଙ୍କର ସଙ୍ଗ ଓ ଶିକ୍ଷା ଗ୍ରହଣ କରିବା ଉଚିତ ନୁହେଁ ।

- ଭକ୍ତଙ୍କ ସହିତ ସମ୍ବନ୍ଧର ପରୀକ୍ଷା ବିପଦ ସମୟରେ ହୋଇଥାଏ । ଏପରି ସମୟରେ ତାଙ୍କୁ ହେୟ ମନେକରି ଅବହେଳା କରିବା ଉଚିତ୍ ନୁହେଁ ।

### *ବୈଷ୍ଣବ ଅପରାଧ :-*

(କ) ନିମ୍ନଜାତି କାରଣରୁ ବୈଷ୍ଣବ ଠାରେ ଦୋଷ ଦେଖିବା ।

(ଖ) ପୂର୍ବର ଅପକର୍ମ ନିମିତ୍ତ ଅପଶବ୍ଦ କହିବା ।

(ଗ) ଅଜ୍ଞାତରେ କରିଥିବା ଦୁଷ୍କର୍ମ ପାଇଁ ନିନ୍ଦା କରିବା ।

(ଘ) ଦୁଷ୍କର୍ମ ସୁଧାରି ସାରିବା ପରେ ମଧ୍ୟ ତାଙ୍କୁ ଅପମାନ କରିବା ।

(ଙ) ଯେ ବୈଷ୍ଣବଙ୍କୁ ମାରେ, ନିନ୍ଦା ଓ ବିଦ୍ୱେଷ କରେ, ଅନାଦର କରେ, ବୈଷ୍ଣବଙ୍କ ପ୍ରତି କ୍ରୋଧ ଆଚରଣ କରେ ଏବଂ ବୈଷ୍ଣବଙ୍କୁ ଦେଖି ହର୍ଷିତ ନ ହୋଇ ଅଭିନନ୍ଦନ କରେନା, ସେ ନିଶ୍ଚିନ୍ତ ରୂପେ ନରକକୁ ଯାଏ ।

### *ମାତା (ସ୍ତ୍ରୀ) ଙ୍କ ପ୍ରତି ବ୍ୟବହାର :-*

- ସ୍ତ୍ରୀଙ୍କୁ ସବୁ ପ୍ରକାର ସମ୍ମାନ ପ୍ରଦାନ କରିବା ଉଚିତ୍ । ବିଶେଷ ରୂପରେ ସେ ଯଦି ବୈଷ୍ଣବୀ ହୋଇଥାନ୍ତି ତାଙ୍କୁ ବୈଷ୍ଣବ ପଦ୍ଧତିରେ ସମ୍ବୋଧିତ କରିବା ଉଚିତ୍ ।

– ବ୍ରହ୍ମଚାରୀ ପ୍ରତ୍ୟେକ ସ୍ତ୍ରୀକୁ "ମା" ରୂପରେ ଦେଖିବା ଉଚିତ୍ । ଗୃହସ୍ଥ ନିଜର ପତ୍ନୀ ବ୍ୟତୀତ ଅନ୍ୟ ସମସ୍ତ ସ୍ତ୍ରୀ ମାନଙ୍କୁ ମା' ରୂପରେ ଦେଖିବା ଉଚିତ୍ ।

– ବ୍ରହ୍ମଚାରୀ କେବଳ ମହତ୍ତ୍ୱପୂର୍ଣ୍ଣ ଭକ୍ତି ବା ସେବା କାର୍ଯ୍ୟ ନିମିତ୍ତ ମା' ମାନଙ୍କ ସହିତ ସଂପର୍କ ରଖିବା ଉଚିତ୍ । ସ୍ତ୍ରୀଙ୍କ ପ୍ରତି ଦ୍ୱେଷ ଆଚରଣ କରିବା ଉଚିତ୍ ନୁହେଁ ।

***ଅତିଥିଙ୍କ ପ୍ରତି ବ୍ୟବହାର :-***

– ଯେତେବେଳେ କେହି ଅତିଥି ନିଜର ଗୃହ କିମ୍ବା ମନ୍ଦିରକୁ ଆସିଥାନ୍ତି ସେତେବେଳେ ତାଙ୍କୁ ପୂର୍ଣ୍ଣପ୍ରେମ ଏବଂ ଆଦର ପୂର୍ବକ ବ୍ୟବହାର କରିବା ଉଚିତ୍ । ମଧୁର ଶବ୍ଦରେ ତାଙ୍କୁ ସ୍ୱାଗତ କରିବା ଉଚିତ୍ । ନିଜର କ୍ଷମତାନୁସାରେ ବସିବା ପାଇଁ ତାଙ୍କୁ ଆସନ, ଜଳଖିଆ ଏବଂ ପ୍ରସାଦର ବ୍ୟବସ୍ଥା କରିବା ଉଚିତ୍ ।

***ଅଭକ୍ତଙ୍କ ପ୍ରତି ବ୍ୟବହାର :-***

– କୌଣସି ଅଭକ୍ତଙ୍କୁ ଚରଣ ସ୍ପର୍ଶ କରିବାକୁ ଦେବେ ନାହିଁ । କିନ୍ତୁ ସେ ଯଦି ଚରଣ ସ୍ପର୍ଶ କରିନିଏ, ତେବେ ପୂର୍ବ ଆଚାର୍ଯ୍ୟ ଏବଂ ଆଧ୍ୟାତ୍ମିକ ଗୁରୁଙ୍କୁ ସ୍ମରଣ କରି ପ୍ରଣାମ କରିବା ଉଚିତ୍ ।

– ଯଦି ଅଭକ୍ତ ତୁମର ମିତ୍ର ତେବେ ହାତ ଯୋଡ଼ି "ହରେକୃଷ୍ଣ" କହିପାର ।

– ଯଦି ଅଭକ୍ତ ବରିଷ୍ଠ ଆତ୍ମୀୟ ହୋଇଥାନ୍ତି, ତେବେ ତୁମେ ହରେକୃଷ୍ଣ କହି ମସ୍ତକ ଅବନତ କରି ନମସ୍କାର କରିପାର ।

– ଯଦି ଆମର ସମକ୍ଷରେ କୌଣସି ବ୍ୟକ୍ତି ଗୁରୁ, ବୈଷ୍ଣବ ଅଥବା ଶାସ୍ତ୍ର ବିରୋଧରେ କିଛି କହୁଛନ୍ତି, ତେବେ ତୁମେ ସେହି ବ୍ୟକ୍ତିଙ୍କୁ ଶାନ୍ତି ପୂର୍ବକ ତଥା ବିସ୍ତାର ପୂର୍ବକ ପ୍ରମାଣ ଦେଇ ତାଙ୍କୁ ସନ୍ତୁଷ୍ଟ କରିବା ଉଚିତ୍ । କିନ୍ତୁ ଯଦି ଏହା ସମ୍ଭବ ନ ହୁଏ ତେବେ ଶୀଘ୍ର ସେ ସ୍ଥାନ ଛାଡ଼ି ଚାଲିଯିବା ଉଚିତ୍ । ଏହି ପ୍ରକାର ଅପରାଧ ଯୁକ୍ତ କଥା ଶ୍ରବଣ କରିବା ଆଧ୍ୟାତ୍ମିକ ପ୍ରଗତିର ମାର୍ଗରେ ଏକ ବଡ଼ ପ୍ରତିବନ୍ଧକ ଅଟେ ।

– ଲୋକଙ୍କ ସହିତ ବ୍ୟବହାର କରୁଥିବା ସମୟରେ ନିଜର ଅହଙ୍କାରକୁ ତ୍ୟାଗ କରିବା ଉଚିତ୍ । ଲୋକଙ୍କ ନିକଟରେ ନିଜର କ୍ରୋଧ ପ୍ରକାଶ କରିବା ଉଚିତ୍ ନୁହେଁ । ବିନମ୍ରତା ଓ ସହନଶୀଳତା ଦ୍ୱାରା ଆମେ କ୍ରୋଧ ଉପରେ ବିଜୟ ଲାଭ କରି ପାରିବା ।

– ସାର୍ବଜନୀନ ସ୍ଥାନରେ ବସି ବ୍ୟର୍ଥ ବାର୍ତ୍ତାଳାପ କରିବା ଉଚିତ୍ ନୁହେଁ ।

– ମୂର୍ଖ, ପୀଡ଼ିତ, ପାପୀ କୁରୂପ, ପତିତ ଏବଂ ଅପଙ୍ଗ ବ୍ୟକ୍ତିଙ୍କୁ ଉପହାସ କରିବା ଉଚିତ୍ ନୁହେଁ ।